**All other terms and conditions of the above Original Tender Call Notice remain unchanged.**
Sd./- Superintending Engineer, P.H. Division, BBSR
OIPR-13021/11/0028/2122

OFFICE OF THE EXECUTIVE ENGINEER CUTTACK (R&B) DIVISION NO.II: CUTTACK
E-mail ID- eepwdcuttack2@gmail.com, Tele/Fax No. (0671)- 2973399
No.B-929 GOVERNMENT OF ODISHA "e" procurement Notice
e-procurement Notice for Road Work
Bid identification No. E.E. CTC (R&B)-II-29 of 2021-22

1. Name of the work :- 01 No. of Road Work
2. Estimated Cost :- Rs.18,54,600/-
3. Period of completion :- 2 (Two) calendar Months
4. Date & time of sale & receipt of bid document :- From 05.01.2022 to 5 PM of 19.01.2022
5. Last date/time of receipt of bids :- 5 PM of 19.01.2022
6. Date & time of Opening of Bids :- 11 AM of 20.01.2022
7. Name and address of the Officer Inviting Bid :- Executive Engineer, Cuttack (R&B) Division-II, Cuttack

Further details can be seen from the e-procurement portal http://www.tendersorissa.gov.in. Any addendum/ corrigendum/ cancellation of tender can also be seen in the said website.
Executive Engineer, Cuttack (R&B) Division No.II
OIPR-34091/11/0026/2122

WORLD SKILL CENTER, BHUBANESWAR
SKILL DEVELOPMENT & TECHNICAL EDUCATION DEPARTMENT
GOVERNMENT OF ODISHA
Block B, Sector A, Tower, 2010, Mancheswar Industrial Estate, Bhubaneswar-751007
Country: India Telephone/Fax: +91-674-2580079
Website: www.worldskillcenter.org; www.skillodisha.gov.in
Email address: tenders@worldskillcenter.org; osdpadbosda@gmail.com; dirosems@gmail.com
No. WSC/32/ACADEMIC PROCUREMENT/2021-22/447
Date: 01st January 2022
REQUEST FOR QUOTATION (RFQ) FOR PROVIDING CONSUMABLES FOR LABS OF WORLD SKILL CENTER, BHUBANESWAR
No. KK-186: World Skill Center Bhubaneswar invites Request for Quotation (RFQ) for providing Consumables for various labs of WSC Bhubaneswar as per the following packages:
PKG ACR001- Consumables for Labs, ACR of WSC BBSR
PKG MES001- Consumables for Labs, MES of WSC BBSR
PKG MCE001- Consumables for Labs, Mechatronics of WSC BBSR
Interested suppliers are requested to submit their offer for one or multiple packages on the office address in prescribed application form. The detail RFQ document can be downloaded from the WSC Bhubaneswar website: **www.worldskillcenter.org** or OSDA website: **www.skillodisha.gov.in** and **https://empmissionodisha.gov.in/Exchange/employment.jsp**.
Last date & Time for Submission of Proposals: 13-01-2022 at 03:00 PM
Date & Time of Opening of Proposals: 13-01-2022 at 04:00 PM
Sd./- Chief Executive Officer
World Skill Center, Bhubaneswar
OIPR-14083/11/0019/2122

ODISHA PUBLIC SERVICE COMMISSION
CUTTACK
NOTICE
**No. 9684/PSC, (1R-42-21-22) (DR-V), Dt. 31.12.2021**
**No. D-267:-** It is for information of all concerned that, pursuant to the advertisement No. 08 of 2020-2021, **141 (one hundred forty one)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, "English"**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **10.01.2022, 11.01.2022, 12.01.2022, 13.01.2022, 15.01.2022, 17.01.2022, 18.01.2022, 19.01.2022 & 20.01.2022** as per the programme mentioned below.

PROGRAMME OF DOCUMENT VERIFICATION

| Date | Time | PPSAN |
|---|---|---|
| 10.01.2022 | 10.30 A.M. | 00089780, 00091215, 00089985, 00097190, 00097451, 00088237, 00099804, 00088238, 00088316 & 00089539 = **10 Candidates** |
| | 02.30 P.M. | 00095304, 00096025, 00090345, 00094812, 00088184 & 00094966 = **06 Candidates** |
| 11.01.2022 | 10.30 A.M. | 00087377, 00086850, 00100331, 00076666, 00091826, 00094869, 00077234, 00086120, 00086556, 00087183 = **10 Candidates** |
| | 02.30 P.M. | 00089288, 00091842, 00091860, 00092581, 00092862 & 00093358 = **06 Candidates** |
| 12.01.2022 | 10.30 A.M. | 00093490, 00095429, 00096216, 00099309,00099389, 00096302, 00077795, 00063515, 00089968 & 00090302 = **10 Candidates** |
| | 02.30 P.M. | 00088040, 00079114, 00097344, 00087291, 00089003 & 00097567 = **06 Candidates** |
| 13.01.2022 | 10.30 A.M. | 00086504, 00077497, 00077578, 00078483, 00081572, 00086567, 00090610, 00092196, 00092588, 00093920 = **10 Candidates** |
| | 02.30 P.M. | 00094980, 00095364, 00095729, 00096196, 00096981 & 00097902 = **06 Candidates** |
| 15.01.2022 | 10.30 A.M. | 00101885, 00092311, 00099218, 00082433, 00086133,00086748, 00089208, 00089988, 00091331 & 00091824 = **10 Candidates** |
| | 02.30 P.M. | 00097093, 00097235, 00090206, 00092389, 00061340 & 00095265 = **06 Candidates** |
| 17.01.2022 | 10.30 A.M. | 00078791, 00088820, 00092036, 00092081, 00088085, 00087031, 00098135, 00082080, 00089591 & 00091262 = **10 Candidates** |
| | 02.30 P.M. | 00097120, 00091189, 00094279, 00090960, 00091349 & 00089963 = **06 Candidates** |
| 18.01.2022 | 10.30 A.M. | 00096330, 00088533, 00092807, 00016443, 00087835, 00037851, 00090802, 00094414, 00096055, 00096911 = **10 Candidates** |
| | 02.30 P.M. | 00087039, 00094989, 00043383, 00101372, 00074481 & 00093695 = **06 Candidates** |
| 19.01.2022 | 10.30 A.M. | 00098882, 00035759, 00079215, 00070613, 00085068, 00085973, 00089483, 00096929, 00097967 & 00095037 = **10 Candidates** |
| | 02.30 P.M. | 00077430, 00091505, 00077885, 00102379, 00085971 & 00089769 = **06 Candidates** |
| 20.01.2022 | 10.30 A.M. | 00091291, 00089342, 00091313, 00095752, 00077482, 00091779, 00047796, 00092077 & 00098044 = **09 Candidates** |
| | 02.30 P.M. | 00094794, 00053243, 00090357, 00063736 = **04 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.
It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.
The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.
OIPR-12002/11/0195/2122 Sd./- Secretary

## ୫.୮୯ ଆଇଟିଆର୍ ଫାଇଲ

**ନୂଆଦିଲ୍ଲୀ,୧।୧:** ଭାରତର ବିକାଶ ପାଇଁ ଦେଶବାସୀ ଧୀରେ ଧୀରେ ଆଗଭର ହେଉଛନ୍ତି। ଫଳସ୍ୱରୂପ ୨୦୨୦-୨୧ ଆର୍ଥିକ (ମାର୍ଚ୍ଚ ୨୦୨୧ ଶେଷ ହୋଇଥିବା) ବର୍ଷ ପାଇଁ ମୋଟ ୫.୮୯ କୋଟିର ଆୟକର ରିଟର୍ନ (ଆଇଟିଆର୍) ଫାଇଲ କରାଯାଇଛି। ବିଭାଗର ନୂତନ ଇ-ଫାଇଲ୍ ପୋର୍ଟାଲରେ ସ୍ପଷ୍ଟ କରାଯାଇଛି ଯେ ୨୦୨୧ ଡିସେମ୍ବର ୩୧ସୁଦ୍ଧା ଏହା ଦାଖଲ କରାଯାଇଛି। ଶନିବାର ଏ ନେଇ ଆଇଟି ବିଭାଗ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଏଥିମଧ୍ୟରୁ କେବଳ ଡିସେମ୍ବର ୩୧ରେ ୪୬.୧୧ଲକ୍ଷରୁ ଅଧିକ ଆଇଟିଆର୍ ଦାଖଲ କରାଯାଇଛି ବୋଲି ସୂଚନା ମିଳିଛି। ସେହିଭଳି କେନ୍ଦ୍ରୀୟ ଟିକସ ବୋର୍ଡ (ସିବିଡିଟି) ଏକ ବିବୃତିରେ କହିଛି, ଆୟକର ବିଭାଗର ନୂତନ ଇ-ଫାଇଲ୍ ପୋର୍ଟାଲରେ ପ୍ରାୟ ୫.୮୯ କୋଟିର ଆୟକର ରିଟର୍ନ ଫାଇଲ କରାଯାଇଛି।

# ଡିସେମ୍ବରରେ ଏମ୍ଏସ୍ଆଇର ୧୫୩୧୪୯ ୟୁନିଟ୍ ଗାଡ଼ି ବିକ୍ରି

ନୂଆଦିଲ୍ଲୀ,୧।୧




ଦେଶର ପ୍ରମୁଖ କାର୍ ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ (ଏମ୍ଏସ୍ଆଇ) ପକ୍ଷରୁ ଡିସେମ୍ବର ମାସ ଗାଡ଼ି ବିକ୍ରି ସମ୍ପର୍କରେ ଏକ ରିର୍ପୋଟ ପ୍ରକାଶ କରାଯାଇଛି। ଶନିବାର ୨୦୨୧ ଡିସେମ୍ବରରେ ମୋଟ ହୋଲ୍‌ସେଲ୍‌ରେ ୧,୫୩,୧୪୯ ୟୁନିଟ ଗାଡ଼ି ବିକ୍ରି କରାଯାଇଛି। ଏହା ଗତ ବର୍ଷର ବିକ୍ରି ତୁଳନାରେ ୪% ହ୍ରାସ ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୦ ଏହି ସମୟରେ କମ୍ପାନୀ ୧,୬୦,୨୨୬ ୟୁନିଟ୍ ବିକ୍ରି କରିଥିଲା। ସେହିଭଳି ୨୦୨୧ ଡିସେମ୍ବରରେ କମ୍ପାନୀର ଘରୋଇ ବିକ୍ରି ୧୩% ହ୍ରାସ ପାଇ ୧,୩୦,୮୬୯ ୟୁନିଟ୍ ରହିଛି। ୨୦୨୦ ଡିସେମ୍ବରରେ କମ୍ପାନୀ ୧,୫୦,୨୮୮ ୟୁନିଟ୍ ବିକ୍ରି କରିଥିଲା ବୋଲି ରିର୍ପୋଟରେ କୁହାଯାଇଛି।

ଅପରପକ୍ଷରେ ଇଲେକ୍ଟ୍ରୋନିକ୍ ଉପାଦାନଗୁଡ଼ିକର ଅଭାବ ଯୋଗୁ ଡିସେମ୍ବରରେ ଯାନବାହନ ଉତ୍ପାଦନ ଉପରେ ସାମାନ୍ୟ ପ୍ରଭାବ ପକାଇଥିଲା। ଏହି ଅଭାବ ମୁଖ୍ୟତଃ ଘରୋଇ ବଜାରରେ ବିକ୍ରି ହେଉଥିବା ଗାଡ଼ିର ଉତ୍ପାଦନକୁ ପ୍ରଭାବିତ କରିଥିଲା ବୋଲି ଏମ୍ଏସ୍ଆଇ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବକୁ କମ୍ କରିବାକୁ କମ୍ପାନୀ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି କମ୍ପାନୀର ଅଲ୍ଟୋ ଏବଂ ଏସ୍-ପ୍ରେସୋକୁ ନେଇ ମିନି କାର୍‌ର ବିକ୍ରି ମଧ୍ୟ ୩୫% ହ୍ରାସ ପାଇ ୧୬,୩୨୦ ୟୁନିଟରେ ରହିଛି। ୨୦୨୦ର ଏହି ସମୟରେ କମ୍ପାନୀ ୨୪,୯୨୭ ୟୁନିଟ ଗାଡ଼ି ବିକ୍ରି କରିଥିଲା।

ଏହି ଅବସରରେ ସ୍ୱିଫ୍ଟ, ସେଲିରିଓ, ଇଗ୍ନିସ୍, ବାଲେନୋ ଏବଂ ଡିଜେୟାର ଭଳି ମଡେଲ ସମେତ କମ୍ପାକ୍ଟ ସେଗ୍‌ମେଣ୍ଟର ବିକ୍ରି ଡିସେମ୍ବର ୨୦୨୦ରେ ୭୭,୬୪୧ କାର୍ ତୁଳନାରେ ୧୧% ହ୍ରାସ ପାଇ ୬୯,୩୪୫ ୟୁନିଟରେ ପହଞ୍ଚିଛି। ୨୦୨୦ ଡିସେମ୍ବରରେ ୧,୨୭୦ ୟୁନିଟ୍ ତୁଳନାରେ ମଧ୍ୟମ ଆକାରର ସେଡାନ୍ ସିଆଜ୍ ବିକ୍ରି ୧,୨୦୪ ୟୁନିଟକୁ ହ୍ରାସ ପାଇଛି। ଭିଟାରା ବ୍ରେଜ୍‌ଜା, ଏସ୍-କ୍ରସ୍ ଏବଂ ଏର୍ଟିଗା ସମେତ ଅନ୍ୟ ୟୁଟିଲିଟି ଗାଡ଼ି ବିକ୍ରି ୫% ବୃଦ୍ଧି ପାଇ ୨୬,୯୮୨ ୟୁନିଟରେ ପହଞ୍ଚିଛି।

## ରେକର୍ଡ କାରବାରରେ ବର୍ଷ ଶେଷ କରିଛି ୟୁପିଆଇ

**ନୂଆଦିଲ୍ଲୀ,୧।୧:** ଦେଶର ପ୍ରମୁଖ ଡିଜିଟାଲ ପେମେଣ୍ଟ ସଂସ୍ଥା ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ରେକର୍ଡ ପରିମାଣର କାରବାର ସହିତ କ୍ୟାଲେଣ୍ଡର ବର୍ଷ ୨୦୨୧କୁ ଶେଷ କରିଛି। ବିଶେଷକରି ଉଭୟ ଭଲ୍ୟୁମ୍ ଏବଂ ମୂଲ୍ୟ ସର୍ତ୍ତାବଳୀରେ ପୁନଃ ସଂଯୋଗ ରହିଛି। ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୟୁପିଆଇରେ ମୋଟ ୮.୨୭ ଟ୍ରିଲିୟନ ମୂଲ୍ୟର ୪.୫୬ ବିଲିୟନ କାରବାର କରାଯାଇଛି। ନଭେମ୍ବରରେ ଏକ ମାର୍ଜିନାଲ ଡିପ୍ ରିପୋର୍ଟ ହେବା ପରେ ମଧ୍ୟ ଏହାର କାରବାର ଡିସେମ୍ବରରେ ବାଉନ୍ସ ହୋଇଗଲା। ଏହି ସମୟର କାରବାର ପରିମାଣ ମାସକୁ ମାସ ଆଧାରରେ ୯.୦୯% ଏବଂ କାରବାରର ମୂଲ୍ୟ ୭.୬୦% ବୃଦ୍ଧି ପାଇଥିଲା। ଏହାର ଏକ ବର୍ଷ ଆଧାର(ଡିସେମ୍ବର)ରେ କାରବାରର ପରିମାଣ ଦ୍ୱିଗୁଣିତ ହୋଇଥିବା ବେଳେ କାରବାରର ମୂଲ୍ୟ ୯୯% ଅଭିବୃଦ୍ଧି ହୋଇଥିବା ରିପୋର୍ଟ ପ୍ରକାଶ କରାଯାଇଛି।




# କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ଉପରେ ଡିଜିଜିଆଇର ଚଢ଼ାଉ

ନୂଆଦିଲ୍ଲୀ,୧।୧

ଭାରତରେ ନିଷିଦ୍ଧ ହୋଇଥିବା କ୍ରିପ୍ଟୋ ମୁଦ୍ରାକୁ ବେଆଇନ ଭାବେ କାରବାର କରୁଥିବା ସଂସ୍ଥା ଉପରେ ଶନିବାର ଜିଏସ୍‌ଟି ଇଣ୍ଟେଲିଜେନ୍ସ ମହାନିର୍ଦ୍ଦେଶାଳୟ (ଡିଜିଜିଆଇ) ପକ୍ଷରୁ ଚଢ଼ାଉ କରାଯାଇଛି। କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ କରୁଥିବା ସଂସ୍ଥା ୱାଜିର ଏକ୍ସ ବିପୁଳ ପରିମାଣରେ ଟିକସ ଠକେଇ କରୁଥିବା ନେଇ ଡିଜିଜିଆଇ ଜାଣିବାକୁ ପାଇଥିଲା। ଏ ନେଇ ଡିଜିଜିଆଇ ଦେଶରେ ସଞ୍ଚାଳିତ ଏହି ଏକ୍ସଚେଞ୍ଜ ସଂସ୍ଥାଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, କ୍ରିପ୍ଟୋକରେନ୍ସି ସେବା ପ୍ରଦାନକାରୀଙ୍କ ପାଖାପାଖି ୬ଟି କାର୍ଯ୍ୟାଳୟ ଉପରେ ତଦନ୍ତକାରୀ ସଂସ୍ଥା ଚଢ଼ାଉ କରିଛି।



ଏଥିରେ ଏକ ବଡ଼ ଧରଣର ଜିଏସ୍‌ଟି ଠକେଇ ହୋଇଥିବା ଜଣାପଡ଼ିଛି। କ୍ରିପ୍ଟୋ ୱାଲେଟ୍ ଏବଂ ଏକ୍ସଚେଞ୍ଜ ପ୍ଲାଟ୍‌ଫର୍ମ ଜରିଆରେ ବ୍ୟବସାୟୀ ଏବଂ ଗ୍ରାହକ ବିଟ୍‌କଏନ୍, ଏଥିରିୟମ୍, ରିପଲ୍ ଭଳି ଡିଜିଟାଲ ମୁଦ୍ରାର ନେଣଦେଣ କରିଥାନ୍ତି। ସରକାରୀ ସୂତ୍ରରୁ ଆହୁରି ମଧ୍ୟ ଜଣାପଡ଼ିଛି, ଏହି କମ୍ପାନୀଗୁଡିକ କ୍ରିପ୍ଟୋ ମୁଦ୍ରା କିଣିବା ଏବଂ ବିକ୍ରୟ ପାଇଁ ମଧ୍ୟସ୍ଥ ସେବା ଯୋଗାଇଥାନ୍ତି। ଏହି ସେବାଗୁଡିକ ଉପରେ ୧୮% ହାରରେ ଜିଏସ୍‌ଟି ଲାଗୁ ହୋଇଥାଏ। ଏହାକୁ ଉକ୍ତ ବ୍ୟବସାୟୀମାନେ ଫାଙ୍କି ଆସୁଥିଲେ ବୋଲି କୁହାଯାଇଛି। ଏହି ସେବା ପ୍ରଦାନକାରୀମାନେ ବିଟ୍‌କଏନ୍ ଏକ୍ସଚେଞ୍ଜ ସହ ଜଡିତ ହେବା ପାଇଁ କମିଶନ ଚାର୍ଜ କରୁଥିଲେ, କିନ୍ତୁ ଜିଏସ୍‌ଟି ଦେଉ ନ ଥିଲେ। ଫଳରେ ଏହି କାରବାରକୁ ନେଇ ଡିଜିଜିଆଇ ପୂର୍ବରୁ ସଜାଗଥିଲା ଏବଂ ସମୟ ଦେଖି ସେମାନଙ୍କ ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପ୍ରାୟ ୭୦ କୋଟି ଟଙ୍କାର ଟ୍ୟାକ୍ସ ଠକେଇ ହୋଇଥିବା ସୂଚନା ମିଳିଛି।

## ହ୍ରାସ ପାଇଲା କମର୍ସିଆଲ ଗ୍ୟାସ୍ ଦର

ଭୁବନେଶ୍ୱର,୧।୧

ନୂତନ ବର୍ଷ ଆରମ୍ଭରୁ ଉପଭୋକ୍ତାଙ୍କ ପାଇଁ ଭଲ ଖବର ଇନ୍ଧନ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଦିଆଯାଇଛି। ୧୯ କିଲୋ ବିଶିଷ୍ଟ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ଉପରେ ୧୦୨.୫୦ ଟଙ୍କା ହ୍ରାସ କରାଯାଇଛି। ଫଳରେ କମ୍ପାନୀ ପକ୍ଷରୁ ହ୍ରାସ କରାଯାଇଥିବା ଦର ୨୦୨୨ ଜାନୁୟାରୀ ୧ ଠାରୁ ଲାଗୁ ହେବ ବୋଲି ସୂଚନା ମିଳିଛି। ଏହି ଦର ହ୍ରାସ ଯୋଗୁ ଦିଲ୍ଲୀରେ ୧୯ କିଲୋ ବିଶିଷ୍ଟ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୯୯୮.୫୦ ଟଙ୍କାରେ ବିକ୍ରି ହେବ ବୋଲି ଜଣାପଡ଼ିଛି। ଗତ ଡିସେମ୍ବର ୧ରେ ୧୯ କିଲୋ ସିଲିଣ୍ଡର ମୂଲ୍ୟ ୧୦୦ ଟଙ୍କା ବୃଦ୍ଧି କରାଯାଇଥିଲା। ପୂର୍ବରୁ ଦିଲ୍ଲୀରେ ଏହାର ଦର ୨,୧୦୧ ଟଙ୍କା ରହିଥିଲା। ସେହିଭଳି ଭୁବନେଶ୍ୱରରେ ମଧ୍ୟ ଏହି ସିଲିଣ୍ଡର ଉପରେ ୧୦୧.୫୦ ଟଙ୍କା ହ୍ରାସ ହୋଇ ୨୧୦୧.୫୦ ଟଙ୍କାରେ ରହିଛି। ଅପରପକ୍ଷରେ ଘରୋଇ ବ୍ୟବହାର ପାଇଁ ଥିବା ୧୪.୨ କିଲୋ, ୫ କିଲୋ ଏବଂ ୧୦ କିଲୋର ସିଲିଣ୍ଡର ମୂଲ୍ୟ ପୂର୍ବପରି ସ୍ଥିର ରହିଛି।










# ୧୬ ଦିନ ବନ୍ଦ ରହିବ ବ୍ୟାଙ୍କ

**ଭୁବନେଶ୍ୱର,୧।୧:** ୨୦୨୨ ଜାନୁୟାରୀରେ ମୋଟ ୧୬ ଦିନ ବ୍ୟାଙ୍କ ବନ୍ଦ ରହିବ ବୋଲି ସୂଚନା ମିଳିଛି। ଏହି ଦିନଗୁଡ଼ିକ ମଧ୍ୟରୁ ମାସକର ସମସ୍ତ ରବିବାର ଓ ୨ୟ ଏବଂ ୪ର୍ଥ ଶନିବାର ସହ ବିଭିନ୍ନ ରାଜ୍ୟର ପର୍ବପର୍ବାଣି ଛୁଟି ତାଲିକାରେ ଅନ୍ତର୍ଭୁକ୍ତ ରହିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଜାରି ବ୍ୟାଙ୍କିଙ୍ଗ୍ ସେବା ଦିବସ ଓ ସୂଚୀରେ ଏହା ପ୍ରକାଶ କରାଯାଇଛି। ତେବେ ଚଳିତ ମାସ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପର୍ବ ପାଇଁ ବ୍ୟାଙ୍କ ଛୁଟି ରହିବ। ସେହିଭଳି ରାଜ୍ୟ ଅନୁଯାୟୀ ଛୁଟି ଅଲଗା ହେବ ବୋଲି ଆର୍‌ବିଆଇ ପକ୍ଷରୁ ଜାରି ଛୁଟି ତାଲିକାରୁ ସୂଚନା ମିଳିଛି।







































# ମୃତ୍ୟୁମୁହଁରେ ପଡ଼ିପାରନ୍ତି ୮୦ ହଜାର

**ମହାରାଷ୍ଟ୍ର ସରକାରଙ୍କ ଚେତାବନୀ**

■୮୦ ଲକ୍ଷ ଆକ୍ରାନ୍ତ ହେବା ଆଶଙ୍କା

■୧୦ ମନ୍ତ୍ରୀ, ୨୦ ବିଧାୟକଙ୍କୁ କରୋନା

ମୁମ୍ବାଇ, ୧।୧

ମହାରାଷ୍ଟ୍ରରେ କରୋନାର ତୃତୀୟ ଲହର ସ୍ପଷ୍ଟ ହୋଇସାରିଥିବାବେଳେ ସଂକ୍ରମଣ ବ୍ୟାପକ ହେବ ଏବଂ ଏହା ବେଶ୍ ଘାତକ ସାବ୍ୟସ୍ତ ବୋଲି ଚେତାବନୀ ଦେଇଛନ୍ତି ରାଜ୍ୟ ସରକାର। ଏଥିରେ ୮୦ ଲକ୍ଷରୁ ଅଧିକ ଆକ୍ରାନ୍ତ ହେବେ ଏବଂ ୮୦ ହଜାରରୁ ଊର୍ଦ୍ଧ୍ୱଙ୍କ ଜୀବନ ଯାଇପାରେ ବୋଲି ଅତିରିକ୍ତ ସ୍ୱାସ୍ଥ୍ୟ ସଚିବ ଡ. ପ୍ରଦୀପ ବ୍ୟାସ କହିଛନ୍ତି। ଯଦି ତୃତୀୟ ଲହରରେ ୮୦ ଲକ୍ଷ କୋଭିଡ୍ ମାମଲା ଆସେ ତେବେ ୧ ପ୍ରତିଶତ ହାରରେ ମୃତ୍ୟୁସଂଖ୍ୟା ୮୦ ହଜାର ରହିପାରେ। ତେଣୁ ପ୍ରଶାସନିକ ଅଧିକାରୀମାନେ ଓମିକ୍ରନ ସଂକ୍ରମଣ କିମ୍ବା ତୃତୀୟ ଲହରକୁ ହାଲୁକା ଭାବେ ନ ନେଇ ଏଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଟିକା ନେଇ ନ ଥିବା ଏବଂ ବିଭିନ୍ନ ରୋଗରେ ପୀଡ଼ିତ ଥିବା ବ୍ୟକ୍ତି ଏଥିରେ ସର୍ବାଧିକ ପ୍ରଭାବିତ ହୋଇପାରନ୍ତି। ଅଧିକରୁ ଅଧିକ ଟିକାକରଣ କରି ଜୀବନ ବଞ୍ଚାଇବାକୁ ପ୍ରାଥମିକତା ଦିଆଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଓମିକ୍ରନ ସହ ରାଜ୍ୟରେ ଡେଲ୍ଟାର ପ୍ରକୋପ ମଧ୍ୟ ଜାରି ରହିଛି। କରୋନା ମାମଲା ମଧ୍ୟରୁ ୭୦ ପ୍ରତିଶତ ଡେଲ୍ଟାରେ ସଂକ୍ରମିତ ହୋଇଥିବା ଜିନୋମ୍ ସିକ୍ୱେନ୍ସିଂରୁ ଜଣାପଡ଼ିଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମହାରାଷ୍ଟ୍ରର ୧୦ରୁ ଅଧିକ ମନ୍ତ୍ରୀ ଏବଂ ପ୍ରାୟ ୨୦ ଜଣ ବିଧାୟକ କରୋନାରେ ଆକ୍ରାନ୍ତ ହୋଇଥିବା ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି।



ମୁମ୍ବାଇରେ ଜଣେ ସ୍ୱାସ୍ଥ୍ୟକର୍ମୀ ଗାଡ଼ି ଭିତରେ ମହିଳାଙ୍କୁ କୋଭିଡ୍ ଟିକା ଦେଉଛନ୍ତି।

## ଉପରମୁହାଁ ଓମିକ୍ରନ୍

■ଦେଶରେ ୧୪୩୧ ସଂକ୍ରମିତ

■ଦିନକରେ କୋଭିଡ୍ ମାମଲା ୩୫% ବୃଦ୍ଧି

ନୂଆଦିଲ୍ଲୀ, ୧।୧

ଦେଶରେ ଉପରମୁହାଁ ହୋଇଚାଲିଛି ଓମିକ୍ରନ୍ ସଂକ୍ରମଣ। କରୋନାର ଏହି ନୂଆ ଭାରିଆଣ୍ଟରେ ଦିନକରେ ୧୪୩୧ ମାମଲା ଚିହ୍ନଟ ହୋଇଛି। ଏଥିଯୋଗୁ ଭାରତରେ ମୋଟ ସଂକ୍ରମଣ ଦିନକରେ ୩୫ ପ୍ରତିଶତ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟାରେ ସମୁଦାୟ ୨୨,୭୭୫ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଦିନକରେ ୪୦୬ ମୃତ୍ୟୁ ରେକର୍ଡ କରାଯାଇଛି। ଏବେ ସୁଦ୍ଧା ୨୩ ରାଜ୍ୟକୁ ଓମିକ୍ରନ୍ ସଂକ୍ରମଣ ବ୍ୟାପିସାରିଛି। ମହାରାଷ୍ଟ୍ର ଏହି ଭାରିଆଣ୍ଟରେ ସବୁଠୁ ଅଧିକ ପ୍ରଭାବିତ ହୋଇଛି। ମୋଟ ୪୫୪ ମାମଲା ମହାରାଷ୍ଟ୍ରରେ ରହିଥିବାବେଳେ ଏହା ତଳକୁ ଦିଲ୍ଲୀରେ ୩୫୧ ଜଣ ଓମିକ୍ରନ୍‌ରେ ସଂକ୍ରମିତ ହୋଇଛନ୍ତି। ତୃତୀୟ ସର୍ବାଧିକ ଆକ୍ରାନ୍ତ ଥିବା ରାଜ୍ୟ ତାମିଲନାଡୁରେ ୧୧୮ ଓମିକ୍ରନ୍ ମାମଲା ରହିଛି। ଗୁଜରାଟରେ ୧୧୫, କେରଳରେ ୧୦୯ କେସ୍ ସାମ୍ନାକୁ ଆସିଛି।

ଓମିକ୍ରନ୍ ସଙ୍କଟବେଳେ ଭାରତରେ ହଠାତ୍ ମେଡିକାଲ କେୟାରର ଆବଶ୍ୟକତା ବଢ଼ିଯିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମୁଖ୍ୟ ବୈଜ୍ଞାନିକ ସୌମ୍ୟା ସ୍ୱାମୀନାଥନ୍ କହିଛନ୍ତି। ଅତି ଦ୍ରୁତବେଗରେ ସଂକ୍ରମଣ ମାଡ଼ିବ ଏବଂ ବହୁ ସଂଖ୍ୟାରେ ଲୋକେ ଏଥିରେ ଆକ୍ରାନ୍ତ ହେବାକୁ ଯାଉଥିବା ସେ ଏକ ସାକ୍ଷାତକାରରେ କହିଛନ୍ତି। ଭାରତରେ ମୋଟ କୋଭିଡ୍ ମାମଲା ୩,୪୮,୬୧,୫୭୯କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସକ୍ରିୟ ମାମଲା ୧ ଲକ୍ଷ ଟପିଥିବାବେଳେ ଦୈନିକ ପଜିଟିଭ୍ ହାର ୨.୦୫ % ରହିଛି।

## ସଂକ୍ଷେପରେ

### ୧୫ରୁ ୧୮ ବର୍ଷୀୟଙ୍କ ଟିକାକରଣ ଲାଗି ପଞ୍ଜୀକରଣ ଆରମ୍ଭ

**ନୂଆଦିଲ୍ଲୀ, ୧।୧:** ପନ୍ଦରରୁ ଅଠର ବର୍ଷୀୟ କିଶୋରୀକିଶୋରଙ୍କୁ କୋଭିଡ୍-୧୯ ଟିକାକରଣ ଲାଗି ଶନିବାରଠାରୁ କୋୱିନ୍ ପୋର୍ଟାଲରେ ପଞ୍ଜୀକରଣ ଆରମ୍ଭ ହୋଇଛି। ପରିବାରର ଯୋଗ୍ୟ କିଶୋର କିଶୋରୀମାନେ ନାମ ପଞ୍ଜୀକରଣ କରାଇବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ଆସନ୍ତା ୩ ତାରିଖରୁ ଏହି ବର୍ଗର ପିଲାମାନଙ୍କୁ କୋଭିଡ୍ ଟିକା ଦିଆଯିବ। ଏଥିପାଇଁ କେବଳ କୋଭାକ୍ସିନ୍ ଟିକା ବ୍ୟବହାର କରାଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା।

### ଏଲିଜାବେଥ୍‌ଙ୍କ ନାଁରେ ନାମିତ ହେବ ଦ୍ୱୀପ



**ଲଣ୍ଡନ, ୧।୧:** ଅଷ୍ଟ୍ରେଲିଆର କାନ୍‌ବେରାସ୍ଥିତ ହ୍ରଦ ବର୍ଲେ ଗ୍ରିଫିନରେ ଥିବା ଆସ୍‌ପେନ୍ ଦ୍ୱୀପକୁ ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ନାଁରେ ନାମିତ କରାଯିବ। ଏ ନେଇ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମରିସନ୍ ଶନିବାର ଘୋଷଣା କରିଛନ୍ତି। ଆସନ୍ତା ଜୁନ୍‌ରେ ଏଲିଜାବେଥ୍ ଦ୍ୱିତୀୟଙ୍କ ଯୋଗଦାନର ୭୦ ତମ ବାର୍ଷିକୀ ପାଳନ କରିବା ନିମନ୍ତେ ଆୟୋଜନ ହେବାକୁ ଥିବା ସମାରୋହରେ ଏହି ଘୋଷଣା କାର୍ଯ୍ୟକାରୀ ହେବ ବୋଲି ମରିସନ୍ କହିଛନ୍ତି। ଅଷ୍ଟ୍ରେଲିଆକୁ ୭୦ ବର୍ଷ ଧରି ସେବା ଯୋଗାଇବା ବାସ୍ତବରେ ବହୁତ ବଡ଼ ଉପଲବ୍ଧି। ଏହି ଉପଲକ୍ଷେ ସମସ୍ତ କମନୱେଲଥ୍ ରାଷ୍ଟ୍ରଗୁଡ଼ିକ ଏକାଠି ସମାରୋହ ପାଳନ କରିବା ଗର୍ବର କଥା ବୋଲି ସେ ପ୍ରକାଶ କରିଛନ୍ତି।

### ଭାରତ, ପାକ୍ ମଧ୍ୟରେ ଆଣବିକ ପ୍ରତିଷ୍ଠାନ, ବନ୍ଦୀ ତାଲିକା ବିନିମୟ

**ନୂଆଦିଲ୍ଲୀ, ୧।୧:** ନୂଆବର୍ଷ ଅବସରରେ ଶନିବାର ଭାରତ ଓ ପାକିସ୍ତାନ ପରସ୍ପର ମଧ୍ୟରେ ଆଣବିକ ପ୍ରତିଷ୍ଠାନ ତାଲିକା ବିନିମୟ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଭଲ ନ ଥିବା ସତ୍ତ୍ୱେ ୩ ଦଶନ୍ଧି ଧରି ଏଭଳି ତାଲିକା ଆଦାନପ୍ରଦାନ ପରମ୍ପରା ଜାରି ରହିଛି। ଯୁଦ୍ଧ ହେଲେ ପ୍ରତିପକ୍ଷଙ୍କ ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ନ କରିବା ଏହି ତାଲିକା ବିନିମୟର ଉଦ୍ଦେଶ୍ୟ। ସେହିପରି ନୂଆବର୍ଷ ଅବସରରେ ଦୁଇ ଦେଶର ଜେଲ୍‌ରେ ରହିଥିବା ବନ୍ଦୀମାନଙ୍କ ତାଲିକା ମଧ୍ୟ ଆଦାନପ୍ରଦାନ କରାଯାଇଛି। ଭାରତୀୟ ବନ୍ଦୀ, ନିଖୋଜ ପ୍ରତିରକ୍ଷା କର୍ମଚାରୀ ଓ ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ ମୁକ୍ତ କରିଦେବା ପାଇଁ ନୂଆଦିଲ୍ଲୀ ପକ୍ଷରୁ ଅନୁରୋଧ କରାଯାଇଛି। ପରସ୍ପରର ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ନ କରିବା ପାଇଁ ପୂର୍ବରୁ ହୋଇଥିବା ଚୁକ୍ତିନାମା ମୁତାବକ ନୂଆଦିଲ୍ଲୀ ଓ ଇସଲାମାବାଦରେ ଥିବା କୂଟନୈତିକ ଚ୍ୟାନେଲ ଜରିଆରେ ଆଣବିକ ପ୍ରତିଷ୍ଠାନ ଓ ପ୍ଲାଣ୍ଟ ତାଲିକା ବିନିମୟ ହୋଇଛି।

## ହରିଦ୍ୱାର ଧର୍ମ ସଂସଦ ବିବାଦ

### ନରସିଂହାନନ୍ଦ, ସାଗର ସିନ୍ଧୁରାଜଙ୍କ ନାଁରେ ଏତଲା

ହରିଦ୍ୱାର, ୧।୧

ଉତ୍ତରାଖଣ୍ଡର ହରିଦ୍ୱାରରେ ଅନୁଷ୍ଠିତ ଧର୍ମ ସଂସଦରେ ମୁସଲମାନ ସମ୍ପ୍ରଦାୟ ବିରୋଧରେ ହିଂସାତ୍ମକ ବକ୍ତବ୍ୟ ଦେବା ଅଭିଯୋଗରେ ସ୍ଥାନୀୟ ପୋଲିସ ହିନ୍ଦୁ ନେତା ଯେତି ନରସିଂହାନନ୍ଦ ଏବଂ ସାଗର ସିନ୍ଧୁରାଜଙ୍କ ବିରୋଧରେ ଏତଲା ଦାଏର କରିଛି। ଘୃଣିତ ଭାଷଣର ଭିଡିଓ କ୍ଲିପ୍ ଆଧାରରେ ଦୁଇ ସନ୍ଥଙ୍କ ନାମ ଏତଲାରେ ସାମିଲ କରାଯିବା ସହ ଧାରା ୨୯୫ଏ ଲାଗିଛି। ପୂର୍ବରୁ ଧର୍ମ ଦାସ, ଅନ୍ନପୂର୍ଣ୍ଣା, ୱାସିମ୍ ରିଜ୍‌ଭି ଓରଫ ଜିତେନ୍ଦ୍ର ତ୍ୟାଗୀ ଏବଂ ଧର୍ମ ସଂସଦ ସହ ସମ୍ପୃକ୍ତ କେତେଜଣଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ସୂଚନାଯୋଗ୍ୟ, ୩ ଦିନିଆ ଧର୍ମ ସଂସଦରେ ଭାରତକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବା ପାଇଁ କୁହାଯାଇଥିଲା। ଏଥିପାଇଁ ଆବଶ୍ୟକ ପଡ଼ିଲେ ଅସ୍ତ୍ର ଉଠାଇବାକୁ ଓ ଭାରତରେ ଥିବା ମୁସଲମାନମାନଙ୍କୁ ନିପାତ କରିବା ଲାଗି ଖୋଲା ଆହ୍ୱାନ ଦିଆଯାଇଥିଲା।

### ଇସ୍ରାଏଲରେ ପ୍ରଥମ ଫ୍ଲୋରୋନା ସଂକ୍ରମଣ

ତେଲ୍ ଅଭିଭ୍, ୧।୧

ବିଶ୍ୱ କରୋନାରୁ ମୁକୁଳିବାକୁ ରାସ୍ତା ଖୋଜୁଥିବାବେଳେ ଇସ୍ରାଏଲର ନୂତନ କରି 'ଫ୍ଲୋରୋନା' ସଂକ୍ରମଣ ଚିହ୍ନଟ ହୋଇଛି। ଏହା କରୋନା ଏବଂ ଇନ୍‌ଫ୍ଲୁଏଞ୍ଜାର ଏକ ଦୋହରା ସଂକ୍ରମଣ। ରୋବିନ୍ ମେଡିକାଲ ସେଣ୍ଟରେ ଜଣେ ଗର୍ଭବତୀ ମହିଳା ଏଥିରେ ସଂକ୍ରମିତ ହୋଇଛନ୍ତି। ଦୁଇଟି ଭୂତାଣୁର ମିଶ୍ରଣରେ ସୃଷ୍ଟି ଫ୍ଲୋରୋନା ସଂକ୍ରମଣ ଆକ୍ରାନ୍ତଙ୍କୁ ଗୁରୁତର କରିପାରେ କି ନା ସେ ନେଇ ଅଧ୍ୟୟନ ଚାଲିଥିବା ଇସ୍ରାଏଲ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

## କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଗୃହବନ୍ଦୀ



ଫାରୁକ୍ ଅବଦୁଲ୍ଲା



ମେହବୁବା ମୁଫ୍‌ତି



ଓମାର ଅବଦୁଲ୍ଲା

**ଶ୍ରୀନଗର, ୧।୧:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା, ଓମାର ଅବଦୁଲ୍ଲା, ମେହବୁବା ମୁଫ୍‌ତିଙ୍କୁ ଗୃହବନ୍ଦୀ ରଖାଯାଇଛି। ସେମାନେ ରହୁଥିବା ଶ୍ରୀନଗରର ଗୁପ୍‌କାର ରୋଡ୍ ଅଞ୍ଚଳକୁ ହାଇ ସିକ୍ୟୁରିଟି ଜୋନ୍ ମଧ୍ୟରେ ରଖାଯାଇଛି। ପିପୁଲ୍ସ ଆଲିଆନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ (ପିଏଜିଡି)ର ଏହି ନେତାମାନଙ୍କ ଘର ଆଗରେ ସୁରକ୍ଷା ଟ୍ରକ୍ ରଖାଯାଇଛି ଓ କାହାରିକୁ ଭିତରକୁ ଛଡ଼ାଯାଉନାହିଁ।

ଜମ୍ମୁ ଅଞ୍ଚଳରେ ୬ ଏବଂ କଶ୍ମୀରରେ ଗୋଟିଏ ବିଧାନସଭା ଆସନ ବଢ଼ାଇବା ଲାଗି ସୀମା ପୁନଃ ନିର୍ଦ୍ଧାରଣ କମିଶନ ପ୍ରସ୍ତାବ ଦେଇଥିଲେ। ଫାରୁକ୍ ଅବଦୁଲ୍ଲାଙ୍କ ନେତୃତ୍ୱରେ ଗୁପ୍‌କାର ମେଣ୍ଟ ଉକ୍ତ ଚିଠା ପ୍ରସ୍ତାବ ବିରୋଧରେ ଆନ୍ଦୋଳନ ଘୋଷଣା କରିଥିଲା। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଚାପିଦେବା ଲାଗି ସରକାର ଯୋଜନା କରୁଥିବା ନ୍ୟାଶନାଲ କନ୍‌ଫରେନ୍ସର ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା କହିଛନ୍ତି।

## ବାଣ କାରଖାନାରେ ବିସ୍ଫୋରଣ: ୫ ମୃତ

**ଚେନ୍ନାଇ, ୧।୧:** ତାମିଲନାଡୁର ଶିବକାଶୀ ନିକଟ ପୁଡୁପଡ୍ଡିଠାରେ ଥିବା ଏକ ବାଣ କାରଖାନାରେ ଶନିବାର ସକାଳେ ବିସ୍ଫୋରଣ ଘଟି ୫ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୦ ଗୁରୁତର ଆହତ ହୋଇଛନ୍ତି। ପୁଡୁପଡ୍ଡିର ସି ଭଝିଭିଡୁ ମୁରୁଗାନ୍‌ଙ୍କ ଏହି କାରଖାନାର କେମିକାଲ ବ୍ଲେଣ୍ଡିଂ ୟୁନିଟରେ ବିସ୍ଫୋରଣ ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବା ସହ ଲୋକମାନଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରୁ ୩ ମୃତଦେହ ମିଳିଥିବାବେଳେ ହସ୍ପିଟାଲରେ ୨ ଜଣ ଆଖି ବୁଜିଛନ୍ତି। ଆହତମାନଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନାଥମପଟ୍ଟି ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଭୂସ୍ଖଳନରେ ୪ ମୃତ



ଭିୱାନି, ୧।୧(ପି.ଟି.)

ହରିୟାଣାର ଭିୱାନି ଜିଲା ଅନ୍ତର୍ଗତ ଦାଦମ୍ ଖଣି ଅଞ୍ଚଳରେ ଶନିବାର ଭୂସ୍ଖଳନ ଘଟି ୪ ଜଣଙ୍କ ଜୀବନ ଯାଇଥିବାବେଳେ ଅନେକେ ମାଟିତଳେ ପୋତିହୋଇ ପଡ଼ିଛନ୍ତି। ପ୍ରଶାସନ ନେତୃତ୍ୱରେ ଚାଲିଥିବା ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ସମେତ ଏକାଧିକ ଟିମ୍‌କୁ ନିୟୋଜିତ କରାଯାଇଥିବା ରାଜ୍ୟ ଗୃହମନ୍ତ୍ରୀ ଅନିଲ ଭିଜ୍ କହିଛନ୍ତି। ହିସାରରୁ ସେନାର ଏକ ୟୁନିଟ୍‌କୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହେବାକୁ ଡକାଯାଇଥିବା ଭିଜ୍ ଟୁଇଟ୍ କରିଛନ୍ତି। ଭୂସ୍ଖଳନ ଯୋଗୁ ପ୍ରାୟ ୬ଟି ଡମ୍ପର ଟ୍ରକ୍ ଓ କେତେକ ମେଶିନ ମାଟିତଳେ ପୋତିହୋଇ ପଡ଼ିଥିବା ପୋଲିସ କହିଛି। ୪ରୁ ୫ ଜଣ ମାଟିତଳେ ରହିଯାଇଥିବା ସିୱାନି ଡିଏସ୍‌ପି ମନୋଜ କୁମାର ସୂଚନା ଦେଇଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ମାଟି ଅତଡ଼ା ତଳେ ଅଧିକ ଲୋକ ରହିଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ଜିଲା ପ୍ରଶାସନ ସହ ନିୟମିତ ଯୋଗାଯୋଗରେ ଅଛନ୍ତି।

## ଚାଷୀଙ୍କ ଖାତାକୁ ଗଲା ୨୦,୯୦୦ କୋଟି

■ପିଏମ୍ କିଷାନ ଯୋଜନାର ୧୦ମ କିସ୍ତି

ନୂଆଦିଲ୍ଲୀ, ୧।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆବର୍ଷର ପ୍ରଥମ ଦିନରେ ଦେଶର ୧୦.୦୯ କୋଟି ଚାଷୀଙ୍କ ବ୍ୟାଙ୍କ ଖାତାକୁ ପିଏମ୍-କିଷାନ ଯୋଜନାରେ ୨୦,୯୦୦ କୋଟି ଟଙ୍କା ଆର୍ଥିକ ସହାୟତା ପଠାଇଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ମୋଦି ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦଶମ କିସ୍ତି ଟଙ୍କା ପଠାଇବା ଅବସରରେ କୋଭିଡ୍-୧୯ ମହାମାରୀ ଦ୍ୱାରା ସୃଷ୍ଟ ଚ୍ୟାଲେଞ୍ଜ ନୂଆବର୍ଷରେ ଦେଶର ବିକାଶ ପ୍ରକ୍ରିୟାରେ ବାଧକ ହେବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ଦେଶ ସମ୍ପୂର୍ଣ୍ଣ ସତର୍କତାର ସହ ମହାମାରୀ ବିରୋଧରେ ଲଢ଼େଇ ଜାରି ରଖିଛି। ଏଥିସହିତ ଜାତୀୟ ସ୍ୱାର୍ଥ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ମହାମାରୀ ସତ୍ତ୍ୱେ ସ୍ୱାସ୍ଥ୍ୟସେବା, ପ୍ରତିରକ୍ଷା, କୃଷି, ଷ୍ଟାର୍ଟ-ଅପ୍ ଏବଂ ଭିତ୍ତିଭୂମି ସେକ୍ଟରରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇପାରିଛି। ମହାମାରୀ ବିରୋଧରେ ଭାରତର ବଳିଷ୍ଠ ମୁକାବିଲା ସବୁଦିନ ପାଇଁ ମନେ ରହିବ ବୋଲି ମୋଦି କହିଥିଲେ। ବର୍ତ୍ତମାନ ସୁଦ୍ଧା ୧୪୫ କୋଟିରୁ ଅଧିକ କୋଭିଡ୍ ଟିକା ଡୋଜ୍ ଦିଆଯାଇଥିବାରୁ ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ବିଗତ ବର୍ଷରେ ବିଭିନ୍ନ ସେକ୍ଟରରେ ସଂସ୍କାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି ଓ ଆଧୁନିକ ଭିତ୍ତିଭୂମି ସୃଷ୍ଟି ହୋଇଛି। ବିକାଶକୁ ଆହୁରି ଦ୍ରୁତତର କରାଯିବ। କରୋନା ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ ମଧ୍ୟ ଏହା ବିକାଶ ପ୍ରକ୍ରିୟାକୁ ରୋକିପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାରେ ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବର୍ଷକୁ ୩ଟି କିସ୍ତିରେ ୬ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏଥିସହିତ ପ୍ରଧାନମନ୍ତ୍ରୀ ୩୫୧ କୃଷି ଉତ୍ପାଦନ ସଂଗଠନ (ଏଫ୍‌ପିଓ)କୁ ୧୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଇକ୍ୱିଟି ପ୍ରଦାନ କରିଛନ୍ତି। ଏହା ଦ୍ୱାରା ୧.୨୪ ଲକ୍ଷ ଚାଷୀ ଉପକୃତ ହେବେ। ପ୍ରଧାନମନ୍ତ୍ରୀଙ୍କ ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ୯ ମୁଖ୍ୟମନ୍ତ୍ରୀ ଓ ଅନେକ ମନ୍ତ୍ରୀ ଓ କୃଷି ଅନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**କ୍ୟାନ୍ସର ନିରାକରଣ ଶିବିର**

**ବରଗଡ଼ ଅଫିସ୍,୧।୧:** ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର କ୍ୟାନ୍ସର ନିରାକରଣ ଶିବିର ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ବୁର୍ଲାର ଡା. ଦୀପକ ପାଣିଗ୍ରାହୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ବିଭୁତି ଭୂଷଣ ମେହେର, ଡା. ରାଜେଶ ପାତ୍ର, ଡା. ସୁରେଶ ତ୍ରିପାଠୀ, ଡା. ସତୀଶ ନାୟକ, କୃଷ୍ଣଚନ୍ଦ୍ର ପଣ୍ଡା, ଗୋପାଳ ଅଗ୍ରୱାଲ, ରବି ପଣ୍ଡା, ଲିପ୍‌ସିତ ମିଶ୍ର, ରୋହିତ ଜୟସ୍ୱାଲ, ସଂଯୋଜକ ବିକାଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ମାସ ପ୍ରଥମ ଶନିବାର ଜିଲା ମୁଖ୍ୟ ଡାକ୍ତରଖାନାରେ ଏଭଳି ଶିବିର ହେବ ବୋଲି ସୂଚନା ଦିଆଯାଇଥିଲା।

## ସଂକ୍ଷେପରେ

### ଟ୍ରକ୍ ଡ୍ରାଇଭରଙ୍କଠୁ ଲୁଟ୍, ୨ଗିରଫ

**ସରଣ୍ଡା/ଅତାବିରା,୧।୧(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିର ନିକଟରୁ ଶୁକ୍ରବାର ଟ୍ରକ୍ ଡ୍ରାଇଭରଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ୨ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଖଜୁରଟିକ୍ରାର ସାନନ୍ଦ ସେଟ୍(୨୦) ଏବଂ ତଳିପଡ଼ାର ଅଶୋକ ଓରଫ୍ ଆକାଶ ଓରଫ ପିଣ୍ଟୁ ଠେଲା(୨୫)। ସେମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୪୨୪/୨୧) ରୁଜୁ ହୋଇଛି। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ମହାରାଷ୍ଟ୍ର ଅହମଦନଗର ଜିଲା ଖରଗାଁ ଥାନା ମହୁଲି ଗ୍ରାମର ଟ୍ରକ୍ ଡ୍ରାଇଭର ତୁଲସୀରାମ ନାରାୟଣ ଏକ ଟ୍ରକ (ନଂ.ଏମଏଚ୧୪ଡିଏମ/୬୬୬୭) ସହିତ ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିର ନିକଟରେ ଅଟକି ରହି ଗାଡ଼ି ଚକର ହାୱା ଚେକ୍ କରୁଥିଲେ। ଏହି ସମୟରେ ଉକ୍ତ ୨ଗିରଫ ଅଭିଯୁକ୍ତଙ୍କ ସମେତ ୩ଜଣ ଏକ ବାଇକ୍ (ନଂ.ଓଡ଼ି୧୭ଏସ୍/୪୫୯୭)ରେ ଆସି ଟ୍ରକ୍ ଡ୍ରାଇଭରଙ୍କଠାରୁ ଏକ ମୋବାଇଲ, ନଗଦ ୩ହଜାର ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଏ ନେଇ ଟ୍ରକ ଡ୍ରାଇଭର ଏତଲା ଦେବା ପରେ ପୋଲିସ ତଦନ୍ତ କରି ୨ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଲୁଟ୍ ସାମଗ୍ରୀ ଜବତ କରିଛି।

### ଆରପିଏଫ୍ କର୍ମଚାରୀଙ୍କ ଅନ୍ତିମ ସଂସ୍କାର

**ଅତାବିରା,୧।୧(ଡି.ଏନ.ଏ):** ବରଗଡ଼ ଜିଲା ଗୋଡ଼ଭଗା-ତୁରୁମ ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ମୃତ ଆରପିଏଫ୍ କର୍ମଚାରୀ ଅତାବିରା ଥାନା ଗମ୍ଭାରିପାଲି ଗ୍ରାମର କୁମୁଦ ପ୍ରଧାନ(୪୫)ଙ୍କୁ ଶନିବାର ଶ୍ରଦ୍ଧାସୁମନ ଅର୍ପଣ ସହିତ ଅନ୍ତିମ ସଂସ୍କାର କରାଯାଇଛି। ବଲାଙ୍ଗୀର ଆରପିଏଫ୍ ଇନ୍ସପେକ୍ଟର ଅମ୍ରେଶ ବେହେରା, ସମ୍ବଲପୁର ଆରପିଏଫ୍ ଇନ୍ସପେକ୍ଟର ମୁନ୍ନା ଯାଦବ, ବରଗଡ଼ ଆରପିଏଫ୍ ଇନ୍ସପେକ୍ଟର ଡି. କେ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରକାଶଥାଉକି, ସ୍ୱର୍ଗତ ପ୍ରଧାନ ବଲାଙ୍ଗୀର ଆରପିଏଫ୍ ଅଧୀନରେ କାମ କରୁଥିଲେ। ଶୁକ୍ରବାର ସେ ଏକ ବୁଲେଟ୍ (ନଂ.ଓଡ଼ି୧୭ୟୁ/୯୬୧୮) ଯୋଗେ ବଲାଙ୍ଗୀର ଅଭିମୁଖେ ଯାଉଥିବାବେଳେ ମହୁଲେ ନିକଟରେ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା ଏବଂ ତାଙ୍କର ମୃତ୍ୟୁ ହୋଇଥିଲା।

### ୫୨ ଛାତ୍ରୀଛାତ୍ର ରକ୍ତଦାନ କଲେ

**ବରଗଡ଼ ଅଫିସ୍,୧।୧:** ବରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂକଳ୍ପ ପରିବାର ଏବଂ ଆଇଆଇଏଚ୍‌ଟି ପକ୍ଷରୁ ଶନିବାର ନବବର୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଇଆଇଏଚ୍‌ଟିର ଡାଇରେକ୍ଟର ଏମ୍. ଆନନ୍ଦନ, ଆଡ଼ଭୋକେଟ୍ ଲିପ୍‌ସିତ ମିଶ୍ର, ରବି ପଣ୍ଡା, ଅରବିନ୍ଦ କୁମାର ପ୍ରମୁଖ ସମ୍ମାନିତ ଅତିଥିଭ ।ବେ ଯୋଗଦାନ କରିଥିଲେ। ଶିବିରରେ ୫୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଇଆଇଏଚ୍‌ଟିର ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ। ସଂକଳ୍ପ ପରିବାର ସଭାପତି ରୋହିତ ଜୟସ୍ୱାଲ, ସିଦ୍ଧେଶ୍ୱର ଦେହେରୀ, ବିକାଶ ଅଗ୍ରୱାଲ, ବିକାଶ ଭୋଇ, ସୁଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ବାରିକ ସମାଜର ମହାସଭା

**ପଦ୍ମପୁର,୧।୧(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ବ୍ଲକସ୍ତରୀୟ ବାରିକ ସମାଜର ମହାସଭା ସଭାପତି ଦୁର୍ଯ୍ୟୋଧନ ବାରିକଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାଜର ସଙ୍ଗଠନ, ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା, ଆର୍ଥିକ ଦୁର୍ବଳ ଲୋକଙ୍କୁ ସହଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକର ୨୨ଟି ଗ୍ରାମ ପଞ୍ଚାୟତର ୧୦୬ ମୌଜାର ବାରିକ ଯୋଗଦାନ କରିଥିଲେ। ପରେ ବ୍ଲକ ବାରିକ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ସୁରେନ୍ଦ୍ର ବାରିକ, ଉପ ସଭାପତି ନନ୍ଦିକିଶୋର ବାରିକ, ସମ୍ପାଦକ ପ୍ରେମାନନ୍ଦ ବାରିକ, କୋଷାଧ୍ୟକ୍ଷ ଜନ୍ମେଜୟ ବାରିକଙ୍କୁ ମନୋନୀତ କରାଯାଇଥିଲା। ଗଜରାଜ ବାରିକ ସଭା ପରିଚାଳନା କରିଥିଲେ। ତୁଳସୀ ବାରିକ, ଭକ୍ତ ବାରିକ, ଭରତ ବାରିକ, ତପନ ବାରିକ, ବିଜୟ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଆଶିଷ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିକା ନେବେ ୩୯୫୫୮ କିଶୋର

**ସୋନପୁର,୧।୧(ନି.ପ୍ର.)**

ଆସନ୍ତା ଜାନୁୟାରୀ ୩ ତାରିଖରୁ ସୁବର୍ଣ୍ଣପୁର ଜିଲାର ୧୫ରୁ ୧୮ ବର୍ଷ ବୟସର ବ୍ୟକ୍ତିଙ୍କୁ କୋଭିଡ ଟିକା ଦିଆଯିବ। ଏଥିପାଇଁ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଛି। ୨୦୦୭ ମସିହା ବା ପୂର୍ବରୁ ଜନ୍ମ ହୋଇଥିବା ୧୫ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ କିଶୋର ଏହି ଟିକା ନେବେ। ଜିଲା ମୁଖ୍ୟ ଚିକିତ୍ସାଳୟ, ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ, ୬ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ଟିକାଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ଜିଲାର ମୋଟ ୩୯୫୫୮ କିଶୋରଙ୍କୁ ଟିକା ପ୍ରଦାନ ପାଇଁ ଲକ୍ଷ୍ୟ ରହିଛି। ଏହି ବର୍ଗର ହିତାଧିକାରୀମାନେ କୋୱିନ ଆପ୍ ମାଧ୍ୟମରେ ଟିକା ପାଇଁ ନିଜ ନାମକୁ ଅନଲାଇନ ପଞ୍ଜିକରଣ କରିପାରିବେ କିମ୍ବା ଟିକାକରଣ ସ୍ଥାନକୁ ନିଜ ପରିଚୟପତ୍ର ଓ ମୋବାଇଲ ଫୋନ ନମ୍ବର ସହ ଆସି ନିଜ ନାମ ପଞ୍ଜିକୃତ କରିପାରିବେ। ହାଇସ୍କୁଲ ଓ ଯୁକ୍ତଦୁଇ କଲେଜରୁ ଛାତ୍ରୀଛାତ୍ରଙ୍କୁ ଟିକାକେନ୍ଦ୍ରକୁ ଆଣିବାର ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନରୱଣେ ଏହି ଅବସରରେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗ୍ରାମ୍ୟସ୍ତରରେ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ଏହି ବର୍ଗର ହିତାଧିକାରୀଙ୍କୁ ଟିକା ନେବା ପାଇଁ ପ୍ରବର୍ତ୍ତାଇବେ। ବୈଠକରେ ପିଡି ଡିଆରଡିଏ ଡୋଲାମଣି ପଟେଲ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡାକ୍ତର ମଞ୍ଜୁରାଣୀ ସିଂ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।



ସୁବର୍ଣ୍ଣପୁର ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

**୫ରୁ ୧୮ ବର୍ଷ ବୟସ୍କଙ୍କୁ ଟିକାକରଣ ପାଇଁ ଟାସ୍କଫୋର୍ସ ବୈଠକ**

## ୩ରୁ ବୌଦ୍ଧରେ ଟିକାକରଣ

**ବୌଦ୍ଧ,୧।୧(ସ୍ୱପ୍ର)**

ଦେଶରେ କରୋନା ଓ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପଟେ ରାଜ୍ୟ ସରକାର ଜାନୁୟାରୀ ୩ ତାରିଖରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଟିକାକରଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଜରୁରୀ ହୋଇପଡିଛି। କେନ୍ଦ୍ର ସରକାର ୧୫ରୁ ୧୮ ବର୍ଷର ପିଲାଙ୍କୁ ଟିକାକରଣ କରିବାକୁ ଅନୁମତି ପ୍ରଦାନ କରିବା ପରେ ରାଜ୍ୟରେ ଏଥିପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ବୌଦ୍ଧ ଜିଲାରେ ଆସନ୍ତା ୩ ତାରିଖରୁ ୧୫ ରୁ ୧୮ ବର୍ଷର ପୁଅଝିଅଙ୍କୁ ଟିକାକରଣ କରାଯିବ ବୋଲି ଜଣାପଡିଛି। ଆଧାର କାର୍ଡ ଅନୁଯାୟୀ ଯାହାର ଜନ୍ମ ୨୦୦୪ରୁ ୨୦୦୭ ମଧ୍ୟରେ ହୋଇଥିବ ସେମାନେ ଟିକା ନେବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ତେଣୁ ବୌଦ୍ଧ ଟାଉନହଲଠାରେ ହେବାକୁ ଥିବା ଏହି ଟିକାକରଣ କାର୍ଯ୍ୟକ୍ରମ ପାଇଁ ହିତାଧିକାରୀମାନଙ୍କୁ କୋୱିନ ପୋର୍ଟାଲରେ ନିଜ ନାମ ପଞ୍ଜୀକରଣ ସହ ସ୍ଲଟ ବୁକିଂ କରିବା ବାଧ୍ୟତାମୂଳକ କରାଯାଇଛି। ଟିକାକରଣ ପାଇଁ ଆଧାରକାର୍ଡ ସହିତ ସ୍ଲଟ ବୁକିଂ ସ୍ଲିପ ନେଇ ଆସିବାକୁ ଜିଲା ଟିକାକରଣ ଅଧିକାରୀ ଅନୁରୋଧ କରିଛନ୍ତି। ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଟିକାକରଣ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ସମୟରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ରାମମନ୍ଦିର ନିକଟସ୍ଥ ପୁରୁଣା ଶିଳ୍ପତାଲିମ କେନ୍ଦ୍ର ପରିସରରେ ପୂର୍ବାହ୍ନ ୧୦ଟାଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଟିକାକରଣ କରାଯିବ ବୋଲି ଜଣାଯାଇଛି।

# ସେବାରେ ସମର୍ପିତ ହେବାକୁ ଆହ୍ୱାନ

**ବରଗଡ଼ ଅଫିସ୍,୧।୧**

ବରଗଡ଼ ସହରସ୍ଥିତ ସାଇକୃପା ପୋଲି କ୍ଲିନିକ ଏଣ୍ଡ୍ ହସ୍ପିଟାଲ ପରିସରରେ ଶନିବାର ବାର୍ଷିକ ସେବା ଉତ୍ସବ ପାଳିତ ହୋଇଛି। ସାଇକୃପା ଚାରିଟେବୁଲ ପବ୍ଲିକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ରକ୍ତଦାନ ଶିବିର ଏବଂ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମଶ୍ରୀ ହଳଧର ନାଗ ଏବଂ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ସେବାରେ ସମର୍ପିତ ହେବାକୁ ଆହ୍ୱାନ କରିଥିଲେ। ଏହାସହିତ ଚାରିଟେବୁଲ ଟ୍ରଷ୍ଟର ଡାକ୍ତର ଦମ୍ପତି ଡା. ସୁସ୍ମିତା ଦାଶ ଓ ଡା. ରାଜେଶ ତ୍ରିପାଠୀଙ୍କ ସମର୍ପିତ ସେବା ମନୋଭାବକୁ ଅତିଥିବୃନ୍ଦ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ସେବାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନ, ସାମାଜିକ କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କ୍ରମରେ ସାମାଜିକ ଅନୁଷ୍ଠାନ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ନିଷ୍ଠା ପରିବାର, କୋସଲ ସେନା, ବରଗଡ଼ ରକ୍ତଭଣ୍ଡାର, ଗୀତା ମିଶ୍ର, ସୁବ୍ରତ ବିର୍ଡିଆଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ରକ୍ତଦାନ ଶିବିରରେ ୬୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସାଇକୃପା ଚାରିଟେବୁଲ ଟ୍ରଷ୍ଟର ସମସ୍ତ ସଦସ୍ୟ, ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଏବଂ ସଚେତନ ନାଗରିକ ଯୋଗଦାନ କରିଥିଲେ।




କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ବକ୍ତବ୍ୟ ରଖୁଛନ୍ତି।

# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

**ବାଉଁଶୁଣୀ,୧।୧(ଡି.ଏନ.ଏ.):** ଗୁଡପଡ଼ା ଗ୍ରାମଠାରେ ୨୪ ତାରିଖରୁ ଚାଲିଥିବା ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶୀତକାଳୀନ ସେବା ଶିବିର ୩୦ ତାରିଖ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରକୁ ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଳ ଉଦ୍‌ଘାଟନ କରିଥିଲେ। ଅନ୍ୟସବୁ ଦିବସରେ ସମ୍ମାନିତ ଅତିଥି ଭାବେ ବାଳଅପରାଧୀ ନ୍ୟାୟାଳୟ ସଦସ୍ୟ ରାଜୀବଲୋଚନ ସାହୁ, ସୁରଭିର ସମ୍ପାଦକ ଦାମୋଦର ସାହୁ, ଇଂରାଜୀ ବିଭାଗର ଅଧ୍ୟକ୍ଷ ବାବା ରାମ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦନ୍ତ ଚିକିତ୍ସାଧିକାରୀ ସୋନପୁର ଡ. ସତ୍ୟନାରାୟଣ ଦନ୍ତା ଯୋଗଦେଇ କରୋନା ଭାଇରସ ଓମିକ୍ରନ ଏବଂ ତମାଖୁ ସେବନର ଉପରୁ କିପରି ଦୂରେଇ ରହିବା ତାହା ଉପରେ ମତ ରଖିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଶଶୀକାନ୍ତ ଜେନା ଏଥିରେ ଯୋଗଦେଇ ଯୁବଗୋଷ୍ଠୀ ରାଷ୍ଟ୍ରଗଠନ ଓ ସମୃଦ୍ଧି କ୍ଷେତ୍ରରେ ସହାୟକ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସର୍ବମୋଟ ୨୫ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଏହି ଅବସରରେ ଶିବିରାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିବିରାର୍ଥୀମାନଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବୌଦ୍ଧ ଜିଲା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼. ମନୋରଞ୍ଜନ ଘଡ଼େଇ ଧନ୍ୟବାଦ ଦେଇଥିଲେ।

# ପ୍ରଶାସନର ଦ୍ୱାରସ୍ଥ ପଡ଼ାବାସୀ

**ସୋନପୁର,୧।୧(ନି.ପ୍ର.):** ସୁବର୍ଣ୍ଣପୁର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୫ରେ ସରକାରୀ ଜମି ଜବରଦଖଲକୁ ନେଇ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାକୁ ନେଇ ପଡ଼ାବାସୀ ଜିଲାପାଳ, ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ୱାର୍ଡ ନମ୍ବର ୫ ଗଡଭିତରରେ ରହିଛି ବଡ଼ ଜଗନ୍ନାଥ ମନ୍ଦିର। ମନ୍ଦିରର ନିତ୍ୟ ବ୍ୟବହାର୍ଯ୍ୟ ଜଳ ଓ ବର୍ଷାଜଳ ନିଷ୍କାସନ ପାଇଁ ରାଜା ରାଜୁଡ଼ା ଅମଳରୁ ମନ୍ଦିରର ଦକ୍ଷିଣ-ପୂର୍ବ କୋଣରେ ଏକ ଛୋଟ ଜଳାଶୟ ରହିଛି। ଏହାବ୍ୟତୀତ ପୌର ପରିଷଦ ପକ୍ଷରୁ ବାହ୍ୟ ଜଳ ନିଷ୍କାସନ ପାଇଁ ଏହି ପୋଖରୀରେ ୩-୪ଟି ଡ୍ରେନ ସଂଯୋଗ କରାଯାଇଛି। ବର୍ଷା ଋତୁରେ ପୋଖରୀରେ ଅଧ କିମି ବ୍ୟାସାର୍ଦ୍ଧର ବର୍ଷା ଜଳ ସଂଗୃହୀତ ହେବା ସହିତ ବଳକା ଜଳ ମହାନଦୀକୁ ନିଷ୍କାସିତ ହୋଇଥାଏ। ହେଲେ ପୌର ପରିଷଦ ଓ ରାଜସ୍ୱ ବିଭାଗର ଉଦାସୀନତା ଯୋଗୁ ଆଖପାଖ ଅଞ୍ଚଳର ଲୋକ ନିତ୍ୟ ବ୍ୟବହାର୍ଯ୍ୟ ବର୍ଜ୍ୟବସ୍ତୁ, ଅଦରକାରୀ ଇଟା, ବାଲି, ପଥର ଇତ୍ୟାଦି ଟ୍ରାକ୍ଟରରେ ବୋହି ଆଣି ପୋଖରୀରେ ପକାଉଛନ୍ତି। ଫଳରେ ଦିନକୁ ଦିନ ପୋଖରୀର ଜଳ ଧାରଣ କ୍ଷମତା ହ୍ରାସ ପାଇବା ସହ ଜବରଦଖଲକରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି। କିଛିଦିନ ହେଲା ଜଣେ ବ୍ୟକ୍ତି ଏହାର ସୁଯୋଗ ନେଇ ପୋଖରୀର କିଛି ଅଂଶକୁ ପୋତିଦେଇ ଗୃହ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଫଳରେ ପଡ଼ାବାସୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇବା ସହ ଜବରଦଖଲ, ବେଆଇନ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ପଡ଼ାର ଶୁଭ୍ରାଂଶୁ ଶେଖର ମିଶ୍ର, ରାମ ଶଙ୍କର ପାଣିଗ୍ରାହୀ, ଦୀନେଶ କୁମାର ପୂଜାରୀ, ରାମ ବହାଦୁର ସିଂ, ମନୋରଞ୍ଜନ ପାଣିଗ୍ରାହୀ ଓ ତ୍ରିଲୋଚନ ତରିଆ ପ୍ରମୁଖ ଅଭିଯୋଗ କରିଥିବା ଜଣାଯାଇଛି।

**ଜବରଦଖଲରେ ଜଳାଶୟ**

# ୧୦ ବର୍ଷ ହେଲା ନାହାନ୍ତି ନିୟମିତ ପ୍ରଧାନଶିକ୍ଷକ

**ସୋନପୁର,୧।୧(ନି.ପ୍ର.):** ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ମହାରାଜା ଉଚ୍ଚ ବିଦ୍ୟାଳୟରେ ନିୟମିତ ପ୍ରଧାନ ଶିକ୍ଷକ ନାହାନ୍ତି। ରାଜ୍ୟର ଅନ୍ୟତମ ପୁରାତନ ଏହି ଶତାୟୁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ସୌଧ ସମ୍ପୂର୍ଣ୍ଣ ଭୁସୁଡି ପଡିଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଶିକ୍ଷାନୁଷ୍ଠାନ ତାର ପୂର୍ବ ଗୌରବ ହରାଇଛି ବୋଲି ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ଅଭିଯୋଗ କରିଛି। ଆସନ୍ତା ଏକ ମାସ ମଧ୍ୟରେ ରାଜ୍ୟ ସରକାର ନିୟମିତ ପ୍ରଧାନ ଶିକ୍ଷକ ନିଯୁକ୍ତି ନ ଦେଲେ ବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରି ଦିଆଯିବ ବୋଲି ଛାତ୍ର ସଂଘ ଚେତାବନୀ ଦେଇଛି। ବିଦ୍ୟାଳୟ ପୁରାତନ ଛାତ୍ର ସଂଘର ଏକ ଜରୁରୀ କାର୍ଯ୍ୟକାରୀ କମିଟି ବୈଠକରେ ବୁଧବାର ସର୍ବ ସମ୍ମତିକ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଛି। ଏଠାରେ ବିଜ୍ଞାନ ପରୀକ୍ଷାଗାର, ପାଠାଗାର ଭଳି ଆନୁସଙ୍ଗିକ ସୁବିଧା ସୁଯୋଗ ନ ଥିବାରୁ ଛାତ୍ର, ଶିକ୍ଷକ, ଅଭିଭାବକ ତଥା ସାଧାରଣ ଜନତା ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଅନୁଷ୍ଠାନର ଶତବାର୍ଷିକୀ ଉତ୍ସବ ବିନା ପ୍ରଧାନଶିକ୍ଷକରେ ପୁରାତନ ଛାତ୍ରମାନେ ପାଳନ କରିଥିଲେ। ଜଣେ ନିୟମିତ ପ୍ରଧାନ ଶିକ୍ଷକଙ୍କ ନିଯୁକ୍ତି ସକାଶେ ପୁରାତନ ଛାତ୍ର ସଂଘ ଦ୍ୱାରା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବରୁ ଧାରଣା ଦିଆ ଯାଇଥିଲା। ଏ ସମ୍ପର୍କରେ ବହୁ ପୂର୍ବରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରା ଯାଇ ଆସୁଛି। ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ବୈଠକରେ ମୋ ସ୍କୁଲ ଅଭିଯାନ ତଥା ବିଦ୍ୟାଳୟର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ କର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ସଂଘର ଉପଦେଷ୍ଟା ଶରତ ଚନ୍ଦ୍ର ମହାନ୍ତି, ସଭ୍ୟ କଇରୁ ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଭାପତି ନାରାୟଣ ପ୍ରସାଦ ରାୟଗୁରୁ, ଶ୍ୟାମସୁନ୍ଦର ଅଗ୍ରୱାଲା, ରଘୁନାଥ ସାହୁ, ଲକ୍ଷ୍ମୀ ନାରାୟଣ ସାହୁ ଓ ନିତ୍ୟାନନ୍ଦ ମାଝୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଘର ସଭାପତି ଗୋରେଖନାଥ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବ୍ୟୋମକେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଦ୍ୟାଳୟ ବନ୍ଦ ଲାଗି ଚେତାବନୀ**


**ମହିଳା କେୟାର୍ ଟେକର୍ ଆବଶ୍ୟକ**

ହାଇଦ୍ରାବାଦରେ ଆମ ଘରେ ଜଣେ 95 ବର୍ଷୀୟା ମହିଳାଙ୍କ ସେବା କରିବା ପାଇଁ କେୟାର୍ ଟେକର/ଆୟା ଭାବେ ଦୁଇଜଣ ମହିଳା ଆବଶ୍ୟକ। ବୟସ 18ରୁ 40 ବର୍ଷ ପର୍ଯ୍ୟନ୍ତ ଓ ଉଚ୍ଚତା 5 ଫୁଟ ହେବା ଆବଶ୍ୟକ। ଅଭିଜ୍ଞତା ଆଧାରରେ ଦରମା: 15,000 - 22,000। ରହିବା ଓ ଖାଇବା ଖର୍ଚ୍ଚ ଦିଆଯିବ। ଏଜେଣ୍ଟ ମଧ୍ୟ ଯୋଗାଯୋଗ କରିପାରନ୍ତି।

**ଆମର ଫୋନ୍ ନଂ.: 9652962583**



**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2662 OSIC GST No. 21AAACO2101M1Z1

**e-Procurement Notice for Building works**

Tender Notice No.5581 Date: 31.12.2021
Identification No. On line Building OSIC/Constn./2021-2022/006
(1)1. Name of the work
i) RFP for Construction, Design, Manufacturing, Supply and Erection of Pre-Engineered Building Steel Structure of RICE & RICE Bran cluster (200TPD) and Civil work of solvent Extraction Plant, Testing Laboratory and Training Center.
(2)Total No of works : 01 No.
(3)Class of Contractor : A or B class as per eligibility criteria online.
(4)Period of completion : 09(Nine) Calendar months.
(5)Other details

| Procurement on line | Bid Identification No | Availability of tender on-line for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 006 of 2021-2022 | 5.1.2022 At-5.00 P.M | 27.01.22 up to 5.00 P.M | 28.01.2022 At-11.00 A.M |

Further details can be seen from the website www.tendersodisha.gov.in . Any amendment corrigendum, cancellation or re-tender may please be referred to the website.
Sd/-
MANAGING DIRECTOR
OSIC Ltd., Cuttack.
OIPR-14073/11/0089/2122



**N.A.C. OFFICE, KOTPAD**
Ph. No. 06860-283036, Fax No. 06860-283036
E-mail: kotpadnac@gmail.com

**"e" PROCUREMENT NOTICE**
BID IDENTIFICATION NO.- KPDNAC/29/2021-22
Tender ID - 2021_ORULB_75177

No. C-1760: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

1. Nature of the work : Civil
2. No. of works : 06 Nos.
3. Estimated Cost : As per DTCN
4. Period of Completion : As per DTCN
5. Date & time of availability of the bid documents in the portal : From 11.00 hours of Dt.31.12.2021 to 17.00 hours of Dt.10.01.2022
6. Last date/time for receipt of bids in the portal : Dt.10.01.2022 upto 17.00 hour
7. Bids received online shall be opened on : Dt.13.01.2022 at 11.00 hour
8. Name & address of the Officer Inviting Bid : Executive Officer, N.A.C., Kotpad

Further the details can be seen from the procurement portal: **www.tendersodisha.gov.in**.

Sd./- Executive Officer, N.A.C., Kotpad
OIPR-13182/11/0005/2122



**GOVERNMENT OF ODISHA**
**OFFICE OF THE PROJECT ADMINISTRATOR, ITDA, MALKANGIRI**
**e-Procurement Notice**
Bid Identification No. ITDAMKG-06/2021-22

1. The Project Administrator, ITDA, Malkangiri on behalf of Governor of Odisha invites **Percentage Rate Bids** through **Online Mode** in Double Cover System for the type of works given in the table, from the eligible contractors of Class (D Class/C Class) or of equivalent range registered with the State Governments and Central Government/MES/Railways for execution of Building work. The proof of registration from the appropriate authority shall be enclosed along with the Bid. The successful bidder who has not registered under State Government has to register under the State PWD in appropriate class of eligibility before signing of the agreement. The bid should be submitted only online on the website **www.tendersodisha.gov.in**.

| | | |
|---|---|---|
| Name/Type of works | : | Repair, Maintenance of Hostels, White Washing, Colouring, Electrical & PH Works, Roof Treatment, Washing Platform Cloth Drying Yard, Const. of CC Drain, Boundary Wall, Addl. Classroom, Approach Road, etc. in different Hostels running under SSD Department. |
| No. of works | : | 69 Nos. (Sixty Nine) |
| Amount put to tender | : | As laid down in the DTCN |
| Tender Paper Cost | : | As laid down in the DTCN |
| E.M.D. Amount Required | : | Bid securing declaration in the prescribed format |
| Period of Completion | : | As laid down in the DTCN for each work |
| Date & time of availability of bid document in the portal | : | From 3.00 P.M. of 01.01.2022 to 15.01.2022 upto 5.30 P.M. |
| Last date/time for receipt of bid in the portal | : | From 3.00 P.M. of 01.01.2022 to 15.01.2022 upto 5.30 P.M. |
| Last date/time for submission of paper cost & documents | : | From 10.00 A.M. of 17.01.2022 to 19.01.2022 upto 5.30 P.M. (During office hours in working days) in the tender box kept at ITDA/through Registered Post |
| Date of Opening of Tender | : | 20.01.2022 (At 11.00 A.M.) |

Further deails can be seen from the e-procurement portal **www.tendersodisha.gov.in**.

Sd./- Project Administrator, ITDA, Malkangiri



**OFFICE OF THE COLLECTOR, CUTTACK**
(ST & SC Dev. Section)
**ADVERTISEMENT**

Notification No. 3167/WEL Dated: 30.12.2021

No. V-59: Application in prescribed forms are invited from the deserving candidates from native of Odisha for engagement as **Initial Appointee through WRITTEN EXAMINATION** in the following categories of posts in ST & SC Development Department Educational Institution run in Cuttack District. Preference will be given to the candidates belonging to the same district.

| Sl. No. | Name of the Post | Catagory wise Position | | | | | | | | |
|---|---|---|---|---|---|---|---|---|---|---|
| | | ST | ST (W) | SC | SC (W) | SEBC | SEBC (W) | UR | UR (W) | Total |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | B.A., B.Ed. | 1 | - | 1 | - | - | - | 1 | - | 3 |
| 2 | Sanskrit | - | - | - | - | - | - | 1 | - | 1 |
| 3 | IA CT | - | - | - | - | - | - | 1 | - | 1 |

The detail advertisement and the selection criteria may be obtained from office Notice Board of District Welfare Office, Cuttack and District website i.e. **www.cuttack.nic.in**. The candidates may download the advertisement, scheme/syllabus (for written examination) and application format accordingly. **The last date of receipt of application in the office of the District Welfare Office, Cuttack is 31.01.2022 by 5.00 P.M. through Regd. Post/Speed Post only.**

By Order of the Collector, Cuttack
**Sd./- District Welfare Officer, Cuttack**
OIPR-24178/11/0010/2122



**ତହସିଲଦାରଙ୍କ କାର୍ଯ୍ୟାଳୟ, ଦାନଗଦୀ, ଜିଲ୍ଲା: ଯାଜପୁର**
**ଲଘୁ ଖଣିଜ ଦ୍ରବ୍ୟ (ଗଚ୍ଛିତ ବାଲି) ସ୍ୱଳ୍ପ ମିଆଦୀ ନିଲାମ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୪୦୨୯/୨୦୨୧ ତାରିଖ: ୩୧।୧୨।୨୦୨୧

**ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟର ରିହାତି ନିୟମାବଳୀ – ୨୦୧୬ ଅନୁଯାୟୀ**

No. F-284: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଦାନଗଦୀ ତହସିଲ ଅଧୀନରେ ଥିବା ନିମ୍ନସୂଚୀ ପ୍ରଦତ୍ତ ଗଚ୍ଛିତ ବାଲି (ଲଘୁ ଖଣିଜ ଦ୍ରବ୍ୟ)କୁ ନିଲାମ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ଦାନଗଦୀରେ ସମସ୍ତ କାର୍ଯ୍ୟଦିବସମାନଙ୍କରେ ଉପଲବ୍ଧ ଅଟେ ଏବଂ ଯାଜପୁର ଜିଲ୍ଲା Website: **https://www.jajpur.nic.in**ର ମଧ୍ୟ ଉପଲବ୍ଧ ଅଟେ।

**ସୈରାତ ଉତ୍ସଗୁଡ଼ିକର ବିବରଣୀ**

| କ୍ର.ନଂ. | ସଇରାତ କେସ୍ ନଂ./ବର୍ଷ | ସଇରାତ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା (ଏକରରେ) | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘନ ମିଟରରେ) | ସର୍ବନିମ୍ନ ରୟାଲଟି ମୂଲ୍ୟ (ଘନ ମିଟରରେ) | ସର୍ବନିମ୍ନ ଅତିରିକ୍ତ ଦେୟ (ଘନ ମିଟରରେ) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ୦୧/୨୦୨୧ | ଦିଗାମ୍ବରପୁର ବାଲିଘାଟ | ଦିଗାମ୍ବରପୁର | ୬୮ | ୪୦୭ | ୧୦.୦୦ | ନଦୀ | ୭୦୦୦ | ୩୫.୦୦ | ୪୫.୦୦ |
| ୨ | ୦୨/୨୦୨୧ | ପଙ୍କପାଳ-୧ ବାଲିଘାଟ | ପଙ୍କପାଳ | ୨୨୪ | ୧୦୮୯ | ୧୨.୩୦ | ନଦୀ | ୬୦୦୦ | ୩୫.୦୦ | ୪୫.୦୦ |
| ୩ | ୦୩/୨୦୨୧ | ପଙ୍କପାଳ-୨ ବାଲିଘାଟ | ପଙ୍କପାଳ | ୨୨୪ | ୧୦୭୫ | ୧୨.୩୦ | ନଦୀ | ୬୦୦୦ | ୩୫.୦୦ | ୪୫.୦୦ |

OIPR-24149/11/0004/2122 ସ୍ୱା./– ତହସିଲଦାର, ଦାନଗଦୀ



**BERHAMPUR MUNICIPAL CORPORATION**
No. 17275 Date: 29.12.21

**QUOTATION CALL NOTICE**

No. C-1758: Sealed quotations are invited from Fabricator and Erector/Iron Manufacturing Unit/ Enterprises (Steel & Iron) to be reached by Speed Post/Registered Post for supply and Installation of Hoardings of Model and specification for "JAGA MISSION" around 150 Nos. in different slums. The detailed terms & conditions are available at our official website **www.berhampur.gov.in**. The last date of receipt of tenders in this office by 06.01.22 by 2.00 P.M. The bid will be opened on 06.01.22 at 4.30 P.M. in the office chamber of undersigned.
The authority reserves the right to accept or reject any quotation without assigning any reason thereof.

Sd./- Commissioner
Berhampur Municipal Corporation
OIPR-13035/11/0045/2122